# NATIONAL NEWS BULLETIN (ODIA)

**17 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନାଇଜେରିଆ ରାଷ୍ଟ୍ରପତିଙ୍କ ସହ ଆଜି ଅପରାହ୍ନରେ ଆବୁଜା ଠାରେ ସାକ୍ଷାତ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରରେ ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ଶେଷ ହେବ ପ୍ରଚାର ।
- ଓଡ଼ିଶା ଉପକୂଳରେ ଥିବା ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ହାଇପରସୋନିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ।
- ଶ୍ରୀଲଙ୍କାରେ ନବଗଠିତ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଆସନ୍ତାକାଲି ।

ଏବଂ

- ୨୦୨୪ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଜୁରି ଅଧ୍ୟକ୍ଷ ଭାବେ ମନୋନୀତ ହେଲେ ଆସୁତୋଷ ଗୋୱାରିକର ।

# ପିଏମ୍- ନାଇଜେରିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ଆବୁଜା ଠାରେ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଦୁଇ ନେତା ଦ୍ୱିପାକ୍ଷିକ ରଣନୈତିକ ଭାଗିଦାରୀର ସମୀକ୍ଷା କରିବା ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ । ଏହି ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ କେତେକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଦୁଇ ଦିନିଆ ନାଇଜେରିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ରାତିରେ ଆବୁଜା ଠାରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ଭବ୍ୟସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।  ୧୭ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ନାଇଜେରିଆ ଗସ୍ତ । ପ୍ରଧାନମନ୍ତ୍ରୀଙ୍କୁ 'କି ଟୁ ଦ ସିଟି' ଅର୍ଥାତ୍ 'ଆବୁଜାର ଚାବି' ପ୍ରଦାନ କରାଯାଇଥିଲା ।  ଏହାକୁ ନାଇଜେରିଆବାସୀଙ୍କ ବିଶ୍ୱାସର ସମ୍ମାନର ପ୍ରତୀକ ବୋଲି ଗ୍ରହଣ କରାଯାଇଥାଏ ।

ମରାଠୀକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଥିବାରୁ ନାଇଜେରିଆରେ ବସବାସ କରୁଥିବା ମରାଠୀ ସମ୍ପ୍ରଦାୟର ଲୋକମାନେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ନାଇଜେରିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଠାରୁ ବ୍ରାଜିଲ୍ ଗସ୍ତରେ ଯିବେ । ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା-ଡା-ସିଲ୍‌ଭାଙ୍କ ନିମନ୍ତ୍ରଣ କ୍ରମେ ରିଓଡି ଜେନେରିଓ ଠାରେ ଜି-୨୦ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗ ନେଇ ଭାରତର

ଆଭିମୁଖ୍ୟ ଏବଂ ଜି-୨୦ ନୂଆଦିଲ୍ଲୀ ଘୋଷଣାନାମା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଜି-୨୦ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଗସ୍ତର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନା ଗସ୍ତରେ ଯିବେ ।

## ନିର୍ବାଚନ ପ୍ରଚାର

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ର ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଆସନ୍ତାକାଲି ଶେଷ ହେବ । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭୋଟରଙ୍କୁ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ଝାଡ଼ଖଣ୍ଡର ଗୋମିଆଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି ରାଜ୍ୟର ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ସରକାର ଦୁର୍ନୀତିଗ୍ରସ୍ତ ବୋଲି ଅଭିଯୋଗ କରିଛନ୍ତି। ସ୍ୱଚ୍ଛ ପ୍ରଶାସନକୁ ଦୃଷ୍ଟିରେ ରଖି ଏନ୍‌ଡିଏ ମେଣ୍ଟକୁ ବହୁମତ ଦେବା ପାଇଁ ଶ୍ରୀ ନଡ୍ଡା ଝାଡ଼ଖଣ୍ଡବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଶ୍ରୀ ନଡ୍ଡା ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ସିନ୍ଦ୍ରି ଏବଂ ନାଲା ଠାରେ ପ୍ରଚାର କାର୍ଯ୍ୟରେ ମଧ୍ୟ ସାମିଲ ହେବେ । ଜେ.ଏମ୍.ଏମ୍.ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆଜି ଦୁମ୍‌କାଠାରେ ଏକ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଅନ୍ୟ କେତୋଟି

ନିର୍ବାଚନୀ ର୍ୟାଲୀରେ ସେ ଆଜି ଯୋଗଦେବାର କାର୍ଯ୍ୟସୂଚୀ ରହିଛି। କଂଗ୍ରେସ ପକ୍ଷରୁ ବିଭିନ୍ନ ର୍ୟାଲିର ଆୟୋଜନ କରାଯାଇଥିବା ବେଳେ ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ ଧାନବାଦ୍ ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ଶିବରାଜ ସିଂହ ଚୌହାନ, ହିମନ୍ତ ବିଶ୍ୱଶର୍ମା ଏବଂ ଚମ୍ପେଇ ସୋରେନ ପ୍ରମୁଖ ଏନ୍.ଡି.ଏ. ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ ହୋଇଛନ୍ତି।

ଆସନ୍ତା ୨୦ ତାରିଖରେ ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରରେ ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଗ୍ରହଣ କରାଯିବ । ୨୩ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ମହାରାଷ୍ଟ୍ର ବିଧାନସଭା କ୍ୟାମ୍ପେନ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଅଧିକ ତ୍ୱରାନ୍ୱିତ ହୋଇଛି । ୨୮୮ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ନିର୍ବାଚନରେ ୪ହଜାର ୧୩୬ ଜଣ ପ୍ରାର୍ଥୀ ସେମାନଙ୍କର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି। ସେମାନଙ୍କ ମଧ୍ୟରୁ ୩ ହଜାର ୭୭୧ ଜଣ ପୁରୁଷ ଏବଂ ୩୬୩ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି।

ପ୍ରତୀରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, କଂଗ୍ରେସ ଶାସନ କାଳରେ ବାବା ସାହେବ ଆମ୍ବେଦକରଙ୍କୁ ଉଚିତ୍ ସମ୍ମାନ ପ୍ରଦାନ କରାଯାଇ ନ ଥିଲା । ମୁମ୍ବାଇ, ପାଲଘର ଏବଂ ପୁନେ ଠାରେ ଗତକାଲି ତିନୋଟି ନିର୍ବାଚନୀ ସଭାକୁ ସମ୍ବୋଧନ କରି ସେ ଏହା କହିଛନ୍ତି । ମହାଯୁତି

ମେଣ୍ଟଙ୍କୁ ପୁଣିଥରେ ବହୁମତ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କଂଗ୍ରେସର ଜାତିଗତ ଗଣନା ଦାବିକୁ ସମାଲୋଚନା କରି ସେ କହିଛନ୍ତି, ଏହା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି । କେନ୍ଦ୍ର ସରକାର ନାରୀ ଶକ୍ତି ବନ୍ଦନ ଆଇନ୍ ସଂସଦରେ ପାରିତ କରିଛନ୍ତି । ଏହାଦ୍ୱାରା ସଂସଦ ଏବଂ ବିଧାନସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣର ସୁବିଧା ମିଳିବ ବୋଲି ଶ୍ରୀ ସିଂହ କହିଛନ୍ତି ।

କଂଗ୍ରେସ ନେତା ରାହୁଲ ଗାନ୍ଧି କେତୋଟି ନିର୍ବାଚନୀ ସଭାରେ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗ, ପିଆଜର ଦର ଧାର୍ଯ୍ୟ ପ୍ରସଙ୍ଗକୁ ପାଥେୟ କରି ମହାବିକାଶ ଅଘାଡ଼ି ମେଣ୍ଟ ସପକ୍ଷ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି ।

## ଡିଆର୍‌ଡିଓ

ଓଡ଼ିଶା ଉପକୂଳରେ ଥିବା ଡକ୍ଟର ଏ.ପି.ଜେ ଅବଦୁଲକଲାମ ଦ୍ୱୀପରୁ ଦେଶର ପ୍ରଥମ ଦୀର୍ଘଦୂରତା ଅତିକ୍ରମ କରୁଥିବା ହାଇପରସୋନିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରାଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ– ଡିଆର୍‌ଡିଓ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି କ୍ଷେପଣାସ୍ତ୍ର ୧ ହଜାର ୫୦୦ କିଲୋମିଟରରୁ ଅଧିକ ଦୂରତ୍ୱ କରିବା ପାଇଁ ପ୍ରସ୍ତୁତ ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଦେଶର ଏକ ଐତିହାସିକ ଉପଲବ୍ଧି। ଏହାଦ୍ୱାରା ଭାରତ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତଥା ଉନ୍ନତ ସାମରିକ ଜ୍ଞାନକୌଶଳ କ୍ଷମତା ସମ୍ପନ୍ନ ରାଷ୍ଟ୍ରଗୋଷ୍ଠୀରେ ସାମିଲ ହୋଇଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ’ ଡିଆର୍‌ଡିଓ, ସଶସ୍ତ୍ର ବାହିନୀ ଏବଂ ସମ୍ପୃକ୍ତ ଶିଳ୍ପଗୋଷ୍ଠୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶ୍ରୀଲଙ୍କା ଶପଥ ଗ୍ରହଣ

ଶ୍ରୀଲଙ୍କାରେ ନବଗଠିତ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳ ଆସନ୍ତାକାଲି ଶପଥ ଗ୍ରହଣ କରିବ। ରାଷ୍ଟ୍ରପତି ସଚିବାଳୟରେ ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକଙ୍କ ଉପସ୍ଥିତିରେ ଏହି ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ।  ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତିରକ୍ଷା ଏବଂ ଅର୍ଥବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ରାଷ୍ଟ୍ରପତି ନିଜ ଅଧୀନରେ ରଖିଛନ୍ତି। ଏଥିସହ ୨୩ ଜଣିଆ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବାର ଜଣାପଡ଼ିଛି। ଡକ୍ଟର ହରିନୀ ଆମାସୁରିଆ ପୁନଃ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇପାରନ୍ତି। ସେହିପରି ବିଜିତା ହେରାଥ ବୈଦେଶିକ ମନ୍ତ୍ରୀଭାବେ ପୁନଃଦାୟିତ୍ୱ ନିର୍ବାହ କରିବାର ସମ୍ଭାବନା ରହିଛି। ସଂସଦୀୟ ନର୍ବାଚନରେ ଶାସକ' ନ୍ୟାସନାଲ୍ସ ପିପୁଲ୍ସ ପାୱାର ମୋଣ୍ଟ ୨୨୫ଟି ଆସନରୁ ୧୫୯ଟି ଆସନରେ ବିଜୟୀ ହୋଇଥିଲା। ସୂଚନାଯୋଗ୍ୟ, ଏନ୍.ପି.ପି ନେତା ଅନୁରା କୁମାର ଦିଶାନାୟକ ଗତ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଥିଲେ।

# କଙ୍ଗୋ-ଆର୍ମଡ

କଙ୍ଗୋରେ ଇସଲାମିକ ଷ୍ଟେଟ୍ ଆତଙ୍କବାଦୀ ଗୋଷ୍ଠୀ ସହ ଜଡ଼ିତ ଉଗ୍ରବାଦୀଙ୍କ ଆକ୍ରମଣରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଉଗ୍ରବାଦୀମାନେ ଆଉ କେତେକଙ୍କୁ ଅପହରଣ କରି ନେଇଥିବା ଜଣାପଡ଼ିଛି। ସେହି ଅଞ୍ଚଳର ପ୍ରଶାସକ କର୍ଣ୍ଣଲ ଆଲେନ୍ କିୱୱ୍ୱା କହିଛନ୍ତି, ଆଇଏସ୍ ସମ୍ପର୍କ ରଖିଥିବା ଆଲାଇଡ୍ ଡେମୋକ୍ରାଟିକ ଫୋର୍ସ ସହ ମିଶି ଉଗ୍ରବାଦୀମାନେ ଉତ୍ତର କିଭୁ ପ୍ରଦେଶର ମାବିସିଓ ଗ୍ରାମରେ

ସାଧାରଣ ନାଗରିକଙ୍କୁ ହତ୍ୟା କରିବା ସହ ଅପହରଣ କରିଛନ୍ତି। ଗତ ଶୁକ୍ରବାର ସଂଘଟିତ ଏହି ଘଟଣାରେ ମୃତକଙ୍କ ମଧ୍ୟରେ ମହିଳା ଥିବା ଜଣାପଡ଼ିଛି। ଉଗ୍ରବାଦୀମାନେ ସେଠାରେ ଲୁଟ୍‌ତରାଜ କରିବା ସହ କେତେକ ଘରକୁ ପୋଡ଼ି ଦେଇଛନ୍ତି ବୋଲି କର୍ଣ୍ଣେଲ କିଓ୍ୱେଓ୍ୱା ସୂଚନା ଦେଇଛନ୍ତି।

## କୈଳାଶ ଗେହେଲଟ୍ ରେଜିନେସନ୍

ଆମ୍ ଆଦ୍‌ମୀ ପାର୍ଟି ନେତା ତଥା ଦିଲ୍ଲୀ ମନ୍ତ୍ରୀ କୈଳାଶ ଗେହେଲଟ୍ ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି। ଆପ୍ ଆବାହକ ଅରବିନ୍ଦ କେଜରିଓ୍ୱାଲଙ୍କୁ ଲେଖିଥିବା ଇସ୍ତଫାପତ୍ରରେ ଶ୍ରୀ ଗେହେଲଟ୍ କହିଛନ୍ତି, ଦଳ ଗୁରୁତର ଆହ୍ୱାନର ସମ୍ମୁଖୀନ ହୋଇଛି। ରାଜନୈତିକ ଅଭିଳାଷ ପୂରଣ ପାଇଁ ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବା ସମ୍ଭବ ହେଉନାହିଁ ବୋଲି ସେ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

## ଜିତେନ୍ଦ୍ର-ସିଏସ୍‌ଆଇଆର୍ ଶ୍ରୀନଗର

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଗତକାଲି ଶ୍ରୀନଗରସ୍ଥିତ ଶେର୍-ଏ-କାଶ୍ମୀର ଇଣ୍ଟର ନ୍ୟାସନାଲ କନଭେନସନ୍ ସେଣ୍ଟରଠାରେ ଦୁଇଦିନିଆ ସ୍ୱାସ୍ଥ୍ୟ ସମ୍ପର୍କିତ କନ୍‌କ୍ଲେଭକୁ ଉଦ୍‌ଘାଟନ କରିଛନ୍ତି। ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦର 'ଓ୍ୱାନ୍ ଓ୍ୱିକ୍- ଓ୍ୱାନ୍ ଥିମ୍' ଅଭିଯାନ ଅଧୀନରେ ଏହି କନକ୍ଲେଭର ଆୟୋଜନ କରାଯାଇଛି। ଏଥିରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଉଦ୍ଭାବନ ଏବଂ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହନ ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ମନ୍ତ୍ରୀ ଡକ୍ଟର ସିଂ ତାଙ୍କ ସମ୍ବୋଧନରେ

କହିଥିଲେ, ୨୦୧୪ ମସିହାରେ ଦେଶରେ ଥିବା ଅଳ୍ପ କିଛି ଷ୍ଟାର୍ଟ-ଅପ୍‌ରୁ ଏବେ ଏହା ବହୁଗୁଣକୁ ବୃଦ୍ଧି ପାଇଛି। ଏହାଦ୍ୱାରା ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି। ଷ୍ଟାର୍ଟ-ଅପ୍ କମ୍ପାନୀଗୁଡ଼ିକର ଉତ୍ପାଦନ ବିଦେଶରେ ମଧ୍ୟ ବିକ୍ରି ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୪ରୁ ପ୍ରଣୟନ ହୋଇଥିବା ନୀତିଗୁଡ଼ିକ ମାଧ୍ୟମରେ ଯୁବବର୍ଗଙ୍କ ସାମର୍ଥ୍ୟକୁ ପ୍ରୋତ୍ସାହନ ଏବଂ ସ୍ୱୀକୃତି ପ୍ରଦାନ ମିଳିଛି। ଆତ୍ମନିର୍ଭରଶୀଳ ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା କ୍ଷେତ୍ରରେ ଏହି ଷ୍ଟାର୍ଟ-ଅପ୍ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଡକ୍ଟର ସିଂ କହିଛନ୍ତି। କେନ୍ଦ୍ର ସରକାର ୩ ଦଶମିକ ଶୂନ ବାୟୋଇ ୩ ନୀତି ମାଧ୍ୟମରେ ଷ୍ଟାର୍ଟ-ଅପ୍‌ଗୁଡ଼ିକ ପାଇଁ ୧ ହଜାର କୋଟି ଟଙ୍କା ଏବଂ ଶିଳ୍ପକ୍ଷେତ୍ର ପାଇଁ ୨ହଜାର ୬୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି ବୋଲି ସେ କହିଛନ୍ତି।

ଜାମ୍ମୁ-କାଶ୍ମୀରରେ ଷ୍ଟାର୍ଟ-ଅପ୍ ଇକୋ ସିଷ୍ଟମର ଦ୍ରୁତ ଅଭିବୃଦ୍ଧି ଉପରେ ମନ୍ତ୍ରୀ ଡକ୍ଟର ସିଂ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାମ୍ମୁ-କାଶ୍ମୀରର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ସତୀଶ ଶର୍ମାଙ୍କ ସମେତ ସି.ଏସ୍.ଆଇ.ଆର୍.ର ବରିଷ୍ଠ ପଦାଧିକାରୀ ଯୋଗ ଦେଇଛନ୍ତି। ଏହି କନ୍‌କ୍ଲେଭ ଆଜି ଉଦ୍‌ଯାପିତ ହେଉଛି।

## ଆଇଏଫ୍ଏଫ୍ଆଇ ଚେୟାରପର୍ସନ

୨୦୨୪ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ- ଆଇ.ଏଫ୍.ଏଫ୍.ଆଇ.ର ଆନ୍ତର୍ଜାତିକ ଜୁରି ଅଧ୍ୟକ୍ଷ ଭାବେ ଫିଲ୍ମ ନିର୍ମାତା ଆଶୁତୋଷ ଗୋୱାରିକର ମନୋନୀତ ହୋଇଛନ୍ତି। ନିଜ ପ୍ରତିକ୍ରିୟାରେ ଶ୍ରୀ ଗୋୱାରିକର କହିଛନ୍ତି,

ଆସନ୍ତା ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ସହିତ ଜଡ଼ିତ ହୋଇଥିବାରୁ ଗର୍ବ ଅନୁଭବ କରୁଛି। ସମୟ ସହିତ ତାଳଦେଇ ସିନେମା କ୍ରମାଗତ ଭାବରେ ବିକଶିତ ହେଉଛି ଏବଂ ଚଳଚ୍ଚିତ୍ର ମହୋତ୍ସବ ଏହି ବିବର୍ତ୍ତନକୁ ସମୀକ୍ଷା କରିବା ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ବୋଲି ସେ କହିଛନ୍ତି।